भाकृअनुप - केंद्रीय चावल अनुसंधान संस्थान

ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୫ ମସିହା ଅଗଷ୍ଟ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ଶୁଖିଲା ବୁଣା ଧାନ :

- ଡେରିରେ ଧାନ ବୁଣାଯାଇଥିବା ଉଚ୍ଚା ଜମିରେ ବିହନ ବୁଣିବାର ୫-୨୫ ଦିନ ପରେ ଘାସମରା ଔଷଧ ଯଥା ଏକର ପ୍ରତି ଭିଭୟା ୧ ଲିଟର କିମ୍ବା ନୋମିନି ଗୋଲ୍ଡ ୮୦ ମି.ଲି. ସହିତ ସାଥି ୮୦ ମି.ଲି. ର ଏକ ଟ୍ୟାଙ୍କ ମିଶ୍ରଣକୁ ପ୍ରୟୋଗ କରନ୍ତୁ ।
- ଯେଉଁ ଜାଗାରେ ଚେରଗଣ୍ଠି ସୂତ୍ରଜୀବ କିମ୍ବା କାଣ୍ଡବିନ୍ଧାପୋକର ପ୍ରାଦୁର୍ଭାବ ଅଧିକା ଥାଏ, ସେଠାରେ ଧାନ ବୁଣିବାର ୫ ଦିନ ପରେ ପ୍ରତି ବର୍ଗମିଟର ତଳିଘରା ପିଛା, କାର୍ବୋଫୁରାନ୍ ଦାନାଦାର ୩ ଗ୍ରାମ୍ କିମ୍ବା ଫୋରେଟ୍ ୧ ଗ୍ରାମ୍ କିମ୍ବା ଡିଆଜିନନ୍ ୧ ଗ୍ରାମ ହିସାବରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ଚେର ଗଣ୍ଠି ସୂତ୍ରଜୀବ ପ୍ରାର୍ଦୁଭାବ ଦେଖାଯାଏ ସେଠାରେ ପ୍ରତି ହେକ୍ଟର ପିଛା ୧ କି.ଗ୍ରା. କାର୍ବୋଫୁରାନ୍ ୩୦ ଇ.ସି. କିମ୍ବା ଏକ କି.ଗ୍ରା. ଫେନ୍‌ସଲଫୋଥିଅନ୍ ପ୍ରୟୋଗ କରନ୍ତୁ ।

### ରୁଆ ଧାନ :

- ଯଦି ତଳିଘରାରେ ବାକାନୀରୋଗ ଦେଖାଯାଏ, ତେବେ ରୋଗିଣା ତଳିକୁ ମୂଳରୁ ଉପାଡି ଦିଅନ୍ତୁ ଏବଂ ତା'ପରେ କାର୍ବେଣ୍ଡାଜିମ୍ ୧୨% +ମ୍ୟାଙ୍କୋଜେବ୍ ୬୩% ଡବ୍ଲ୍ୟୁ.ପି. ଏକ ଲିଟର ପାଣିରେ ୧.୫ ଗ୍ରାମ ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- ଯଦି ତଳିଘରାରେ ଡକୁଣିଆ ପୋକ ଦେଖାଯାଏ ତେବେଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ତଳିପୋଡା ରୋଗ ଦେଖାଯାଏ ତେବେ ପ୍ରୋପିକୋନାଜୋଲ ୧ ମି.ଲି. ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ତଳିଘରାରେ ମହିଷାରୋଗ ଲକ୍ଷଣ ଦେଖାଦେଲେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୧.୫ ମି.ଲି. ଏକ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହାର ୭ ରୁ ୧୦ ଦିନ ପରେ ଆଉ ଥରେ ସିଞ୍ଚନ କରିବା ଦରକାର । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ତଳିଘରାରେ ପତ୍ରଚିତ୍ରା ରୋଗ ଦେଖାଦେଲେ ଏକ ଲିଟର ପାଣିରେ ୧ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% ସହିତ ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲଭାବେ ମିଶାଇ ସିଞ୍ଚନ କରନ୍ତୁ ।
- ଟୁଙ୍ଗ୍ରୋ ରୋଗର ଲକ୍ଷଣ ଦେଖାଦେଲେ ଏହି ରୋଗର ବାହକ ସବୁଜ ପତ୍ରଡିଆଁ ପୋକକୁ ନିୟନ୍ତ୍ରଣ କରିବା ପାଇଁ ଏକ ଲିଟର ପାଣିରେ ୦.୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ କିମ୍ବା ୦.୨ ଗ୍ରାମ୍ ଥାୟାମିଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ତିନୋଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଦେଖାଯାଆନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ସମାନ ପରିମାଣର ବାଲି ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ପ୍ରୟୋଗ କରନ୍ତୁ ।
- ନଳୀପୋକ ଦେଖାଦେଲେ ଏକର ପିଛା ୮୦ ମି.ଲି. ଇଣ୍ଡୋକ୍ସାକାର୍ବ ୧୫.୮% ଇ.ସି. କିମ୍ବା ୨୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. ପ୍ରୟୋଗ କରନ୍ତୁ ।
- ମୁଖ୍ୟ ଜମିକୁ ୭-୧୦ ଦିନ ବ୍ୟବଧାନରେ ଦୁଇଥର କାଦୁଅ କରି ଭଲଭାବେ ସମତଳ କରି ଦିଅନ୍ତୁ । ପ୍ରଥମ କାଦୁଅ ପୂର୍ବରୁ ଏକର ପ୍ରତି ୪୦ କ୍ୱିଣ୍ଟାଲ ସଢ଼ା ଗୋବର ଖତ ପ୍ରୟୋଗ କରନ୍ତୁ ।
- ମୁଖ୍ୟ ଜମିରେ ପ୍ରଥମ ଥର କାଦୁଅ କରିବା ସମୟରେ ୫-୬ ସପ୍ତାହର ଧଣିଚ଼ ଗଛକୁ ଭଲଭାବରେ ମିଶାଇ ଦିଅନ୍ତୁ ।
- ଅଗଷ୍ଟ ମାସ ପ୍ରଥମ ପକ୍ଷ ଶେଷ ସୁଦ୍ଧା ତଳି ରୁଆ ଶେଷ କରି ଦିଅନ୍ତୁ ।
- ଅଧିକ ଅମଳକ୍ଷମ କିସମ ପାଇଁ ଏକର ପିଛା (୨୧ କି.ଗ୍ରା. ୟୁରିଆ + ୩୫ କି.ଗ୍ରା. ଡି.ଏ.ପି. + ୨୭ କି.ଗ୍ରା ଏମ୍.ଓ.ପି) କିମ୍ବା (୩୫ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୨୭ କି.ଗ୍ରା ଏମ୍.ଓ.ପି) ଶେଷ ଓଡ କାଦୁଅ କରିବା ସମୟରେ ମୂଳସାର ଭାବେ ପ୍ରୟୋଗ କରନ୍ତୁ । ବାଲିଆ ମାଟି ହୋଇଥିଲେ ଏକର ପିଛା (୩୫ କି.ଗ୍ରା. ଡି.ଏ.ପି + ୧୩.୫ କି.ଗ୍ରା. ଏମ୍.ଓ.ପି) କିମ୍ବା (୧୮ କି.ଗ୍ରା ୟୁରିଆ + ୧୦୦ କି.ଗ୍ରା. ଏସ୍.ଏସ୍.ପି. + ୧୩.୫ କି.ଗ୍ରା. ଏମ୍.ଓ.ପି) ମୂଳସାର ଭାବେ ପ୍ରୟୋଗ କରନ୍ତୁ ।
- ଦସ୍ତା ଅଭାବ ଥିବା ଜମିରେ ଏକର ପିଛା ୧୦ କି.ଗ୍ରା. ଜିଙ୍କ୍ ସଲଫେଟ୍ କିମ୍ବା ୬ କି.ଗ୍ରା. ଜିଙ୍କ୍-EDTA (ଦୁଇବର୍ଷକୁ ଥରେ) ଶେଷ ଓଢ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଯେଉଁ ଜମିରେ ବୋରନ୍‌ର ଅଭାବ ଥାଏ ସେଠାରେ ଏକର ପିଛା ବୋରାକ୍ସ ୨ କି.ଗ୍ରା. ଶେଷ ଓଢ଼ ଜମି ପ୍ରସ୍ତୁତ ସମୟରେ ପ୍ରୟୋଗ କରନ୍ତୁ ।
- ଅଧିକ ଅମଳକ୍ଷମ ଧାନର ୨୫ ରୁ ୩୦ ଦିନର ତଳି ୨୦ X ୧୫ ସେ.ମି. ବ୍ୟବଧାନରେ ବୁଦା ପ୍ରତି ୨-୩ ଟି ତଳିରୁଅନ୍ତୁ ଏବଂ ସଙ୍କରଜାତୀୟ ଧାନ ବୁଦା ପ୍ରତି ୧-୨ ଟି ତଳିରୁଅନ୍ତୁ ।
- ଘାସ ନିୟନ୍ତ୍ରଣ ପାଇଁ ଏକର ପିଛା ୪ କି.ଗ୍ରା. ଘାସମରା ଦାନାଦାର ବେନ୍‌ସଲଫ୍ୟୁରାନ୍ ମିଥାଇଲ ୦.୬% + ପ୍ରେଟିଲାକ୍ଲୋର ୬% ଜି.ଆର୍. ସମ୍ମିତ ୪ କି.ଗ୍ରା ବାଲି ମିଶାଇ ଧାନ ତଳି ରୋଇବାର ୫ ରୁ ୧୦ ଦିନ ପରେ ପ୍ରୟୋଗ କରନ୍ତୁ କିମ୍ବା ଘାସ ଗଜା ହେବାର ୮ ରୁ ୧୦ ଦିନ ପରେ ଅର୍ଥାତ୍ ଘାସ ୨-୩ ଟି ପତ୍ର ହୋଇଥିବା ଅବସ୍ଥାରେ ୧୨୦ ମି.ଲି. ବିସ୍‌ପାରିବାକ୍ ସୋଡିୟମ୍ ୧୦% ଏସ୍.ସି. ୧୬ ଲିଟର କ୍ଷମତା ବିଶିଷ୍ଟ ସ୍ପ୍ରେୟରରେ ୮ ଟାଙ୍କି ଦ୍ରବଣ ପ୍ରୟୋଗ କରନ୍ତୁ ।
- ଯଦି ତଳିଘରାରେ ଡକୁଣିଆ ପୋକ ଦେଖାଯାଏ ତେବେ ଏକର ପ୍ରତି ନିମ୍ବ ମଞ୍ଜିରୁ ତିଆରି ୧ ଲିଟର ଆଜାଡିରାକ୍ଟିନ୍ କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫ % ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।
- ଯେଉଁ ଅଞ୍ଚଳରେ ମାଟିଆ ଗୁଣ୍ଡିପୋକର ପ୍ରାଦୁର୍ଭାବର ସମ୍ଭାବନା ଅଧିକ ଥାଏ, ସେଠାରେ ୮-୧୦ ଟି ଧାଡି ଧାନ ରୋଇବା ପରେଏକ ଧାଡି ବ୍ୟବଧାନ ଛାଡି ପୁଣି ରୁଅନ୍ତୁ ।
- କାଣ୍ଡବିନ୍ଧାପୋକ ପ୍ରାଦୁର୍ଭାବ ସମ୍ଭାବନା ଥିବା ଅଞ୍ଚଳରେ ଟ୍ରାଇକୋଗ୍ରାମା ଜାପୋନିକମ୍ ପରଜିବୀର ଅଣ୍ଡାଏକର ପ୍ରତି ୪୦,୦୦୦ (ଅର୍ଥାତ୍ ୩ଟି ଟ୍ରାଇକୋ କାର୍ଡ) ତିନିଥର ବ୍ୟବହାର କରନ୍ତୁ ।
- କାଣ୍ଡବିନ୍ଧାପୋକ ଓ ପତ୍ରମୋଡାପୋକର ଦମନ ପାଇଁଏକର ପିଛା ଗୋଟିଏ ଲାଇଟଟ୍ରାପ୍ (ଆଲୋକ ଯନ୍ତା) ବ୍ୟବହାର କରନ୍ତୁ ।

- ଧାନ ଫସଲରେ କାଣ୍ଡବିନ୍ଧାପୋକ ଏବଂ ପତ୍ରମୋଡା ପୋକର  ନିରୀକ୍ଷଣ ପାଇଁ ଏକର ପିଛା  ତିନୋଟି ଫେରୋମୋନ୍ ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଦିନରେ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପ୍ରଜାପତି ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନଟ୍ରାନିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା  ୬୦ ମି.ଲି. କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ % ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡାଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି. କିମ୍ବା  ୪୦୦ ଗ୍ରାମ୍ କାର୍ଟାପ୍ ୫୦ ଡବ୍ଲ୍ୟୁ.ପି. କିମ୍ବା  ୬୪୦ ମି.ଲି. କୁଇନାଲଫସ୍ ୨୫ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବା ପାଇଁ  ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏନ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceNXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ

*******